# NATIONAL NEWS BULLETIN (ODIA)
## 30th August - 2024
## Evening Bulletin : 8.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରରେ ବାଢ଼ୱଣ ବନ୍ଦର ପରିଯୋଜନାର ଶିଳାନ୍ୟାସ ସହ ମତ୍ସ୍ୟପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ୩ଟି ନୂତନ ବନ୍ଦେ ଭାରତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ବିକଶିତ ଭାରତ ଗଠନ କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ।

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତ ଆଜି ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ବ୍ରୋଞ୍ଜ ପଦକ ସହ ୩ଟି ପଦକ ବିଜୟୀ ।

# ପି.ଏମ୍. - ବାଢ଼ୱାଣ ପୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମହାରାଷ୍ଟ୍ରର ପାଲଘର ଜିଲ୍ଲାର ବାଢ଼ୱାଣ ବନ୍ଦର ପରିଯୋଜନାର ଶିଳାନ୍ୟାସ କରିଛନ୍ତି । ୭୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ବନ୍ଦର ବିଶ୍ୱସ୍ତରୀୟ ସାମୁଦ୍ରିକ ପ୍ରବେଶ ପଥ ହେବା ସହ ଦେଶର ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହାସହ ଶ୍ରୀ ମୋଦି ୧ ହଜାର ୫୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୨୧୮ଟି ମତ୍ସ୍ୟ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ପରେ ପ୍ରଧାନମନ୍ତ୍ରୀ ୩୬୪ କୋଟି ଟଙ୍କା ବ୍ୟୟ ଅଟକଳରେ ଜାତୀୟ ରୋଲ୍‌ଆଉଟ୍ ଜାହାଜ ଯାତାୟତ ପ୍ରକଳ୍ପର ମଧ୍ୟ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପ ଅଧୀନରେ ଏକ ଲକ୍ଷ ବେତାର ଯୋଗାଯୋଗ କେନ୍ଦ୍ର ଜଳପଥମାନଙ୍କରେ ସ୍ଥାପନ କରଯିବ, ଯାହାଫଳରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟଜୀବୀ ଏବଂ ଅନ୍ୟ ଜାହାଜ ଚଳାଚଳ ଉପରେ ନଜର ରଖାଯାଇପାରିବ । ଏହି ଅବସରରେ ମତ୍ସ୍ୟଜୀବୀମାନଙ୍କୁ ସେ କିଷାନ କ୍ରେଡିଟ୍ କାର୍ଡ୍ ବଣ୍ଟନ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଭାରତରେ ଉପକୂଳ ବିକାଶରେ ଅନେକ ପରିବର୍ତ୍ତନ ଆସିଛି । ସରକାର ବିଭିନ୍ନ ବନ୍ଦରକୁ ଅତ୍ୟାଧୁନିକ ଢାଞ୍ଚାରେ ପରିଣତ କରିବା ସହ ଜଳପଥର ବିକାଶ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ

କରିଛନ୍ତି ବୋଲି ସେ କହିଛନ୍ତି । ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣ ହେବା ଫଳରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇବା ସହ ଯୁବାମାନଙ୍କପାଇଁ ନୂତନ ସୁବିଧା ସୁଯୋଗ ସୃଷ୍ଟି ହୋଇଛି । ଶ୍ରୀ ମୋଦି କହିଛନ୍ତି, ସମଗ୍ର ବିଶ୍ୱ ଆଜି ବାଢ଼ୱଣ ବନ୍ଦର ପ୍ରତି ଆକୃଷ୍ଟ ହୋଇଛି, ଯାହା ସମଗ୍ର ଅଞ୍ଚଳର ଅର୍ଥନୈତିକ ବିକାଶର ଚିତ୍ର ବଦଳାଇ ଦେଇଛି । ବିକଶିତ ଭାରତ ଗଠନ କ୍ଷେତ୍ରରେ ବିକଶିତ ମହାରାଷ୍ଟ୍ରର ଗଠନ ହେବାର ଆବଶ୍ୟକତା ରହିଛି ବୋଲି ସେ କହିବା ସହ ଭାରତର ବିକାଶରେ ଆଜିର ଦିନକୁ ସେ ଐତିହାସିକ ବୋଲି ଅଭିହିତ କରିଛନ୍ତି ।

## ପି.ଏମ୍. - ବନ୍ଦେ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ୩ଟି ନୂତନ ବନ୍ଦେ ଭାରତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିବେ । 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ'ର ଅଭିଯାନକୁ ସାକାର କରିବାପାଇଁ ଏହି ଅତ୍ୟାଧୁନିକ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ମିରଠ-ଲକ୍ଷ୍ନୌ, ମଦୁରାଇ-ବେଙ୍ଗାଲୁରୁ ଏବଂ ଚେନ୍ନାଇ-ନାଗରକୋଇଲ ମଧ୍ୟରେ ଏହି ଟ୍ରେନ୍ ଚଳାଚଳ କରିବ । ଏହି ଅତ୍ୟାଧୁନିକ ଦ୍ରୁତଗାମୀ ଟ୍ରେନ୍‌ରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ ହେବା ସହ

ଉତ୍ତର ପ୍ରଦେଶ, ତାମିଲନାଡୁ ଓ କର୍ଣ୍ଣାଟକର ଲୋକମାନେ ଉପକୃତ ହେବେ । ଏହି ଟ୍ରେନ୍ ଚଳାଚଳ ହେଲେ ସାଧାରଣ ଯାତ୍ରୀଙ୍କ ସମେତ ବ୍ୟବସାୟୀ, ବୃତ୍ତିଧାରୀ ଓ ଛାତ୍ରଛାତ୍ରୀମାନେ ସୁବିଧାରେ ଯାତାୟତ କରିପାରିବେ ।

## ପି.ଏମ୍. - ବ୍ରୁନେଇ-ସିଙ୍ଗାପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମଙ୍ଗଳବାର ଦିନ ତିନିଦିନିଆ ବ୍ରୁନେଇ ଓ ସିଙ୍ଗାପୁର ଗସ୍ତରେ ଯିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମୁଖପାତ୍ର ରଣଧିର ଜୟଶ୍ୱାଲ କହିଛନ୍ତି, ବ୍ରୁନେଇର ସୁଲ୍ତାନ ହାଜି ହାସାନାଲ ବୋଲ୍କିଆଙ୍କ ନିମନ୍ତ୍ରଣ ରକ୍ଷା କରି ଶ୍ରୀ ମୋଦି ଆସନ୍ତା ମଙ୍ଗଳବାର ଦିନ ବ୍ରୁନେଇର ଦାରୁସାଲାମ୍ ଗସ୍ତ କରିବେ । ଶ୍ରୀ ଜୟଶ୍ୱାଲ କହିଛନ୍ତି, ସେହି ଦେଶକୁ ଭାରତର କୌଣସି ପ୍ରଧାନମନ୍ତ୍ରୀ ଦ୍ୱିପକ୍ଷୀୟ ଆଲୋଚନାପାଇଁ ପ୍ରଥମ ଥରପାଇଁ ଯାଉଛନ୍ତି । ଭାରତ ଏବଂ ବ୍ରୁନେଇ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କର ୪୦ ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଯୋଗ ଦେବେ ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି ।

# ଭି.ପି. - ୱିମେନ୍

ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌ଖଡ୍ କହିଛନ୍ତି, ଦେଶର ଅଭିବୃଦ୍ଧିରେ ଯଦି ମହିଳାମାନେ ଅଂଶଗ୍ରହଣ ନ କରିବେ, ତେବେ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାରତୀ କଲେଜରେ ଅନୁଷ୍ଠିତ ଏକ 'ବିକଶିତ ଭାରତରେ ମହିଳାମାନଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ଧନଖଡ୍ ଏହା କହିଛନ୍ତି । ସେ କହିଛନ୍ତି, ବିକଶିତ ଭାରତ ଗଠନ କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ମହିଳାମାନଙ୍କ ପାଖରେ ଥିବା ଅନ୍ତର୍ନିହିତ ପ୍ରତିଭା ଏବଂ ଶକ୍ତି ଦେଶର ବିକାଶ ଏବଂ ଉତ୍ତମ ପରିବେଶ ଗଠନ ଦିଗରେ ଅନେକ ସହାୟକ ହୋଇପାରିବ । ଉପରାଷ୍ଟ୍ରପତି ମହିଳାମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ନିକଟରେ କୋଲ୍‌କାତାରେ ଘଟିଥିବା ଅମାନୁଷିକ ଘଟଣା ଉପରେ ଉପରାଷ୍ଟ୍ରପତି ଗଭୀର ଦୁଃଖପ୍ରକାଶ କରିବା ସହ ଏ ସଭ୍ୟ ସମାଜରେ ମହିଳାମାନେ ସୁରକ୍ଷିତ ନାହାନ୍ତି ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଭଳି ଘଟଣା କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ଉପରାଷ୍ଟ୍ରପତି ସମ୍ବିଧାନରେ ଏକକ ନ୍ୟାୟ ସଂହିତା ଆସିବାଦ୍ୱାରା ମହିଳାମାନେ ନ୍ୟାୟ ପାଇବେ ବୋଲି ଆଶା ପ୍ରକଟ କରିଛନ୍ତି ।

# ମୁମ୍ବାଇ ପି.ଏମ୍. - ଫିନ୍‌ଟେକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫିନ୍‌ଟେକ୍ କ୍ଷେତ୍ର ଭାରତର ଲୋକମାନଙ୍କ ଜୀବନଶୈଳୀରେ ସୁବିଧା ଆଣିଛି ବୋଲି କହିଛନ୍ତି । ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ-୨୦୨୪କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଫିନ୍‌ଟେକ୍ ବ୍ୟବସ୍ଥାକୁ ଭାରତର ଲୋକମାନେ ସହଜ ଭାବରେ ଗ୍ରହଣ କରିବା ବିଷୟ ଦେଖିବାକୁ ମିଳିଛି । ବିଶ୍ୱର ଅର୍ଦ୍ଧାଧିକ ଡିଜିଟାଲ୍ ନେଣଦେଣ ଭାରତର ଲୋକ ଗ୍ରହଣ କରିଥିବା ଜଣାପଡ଼ିଛି । ଏହି ଡିଜିଟାଲ୍ ନେଣଦେଣ ବ୍ୟବସ୍ଥା ଆପଣାଇବାଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପାରଦର୍ଶିତା ବୃଦ୍ଧି ପାଇଛି । ଫିନ୍‌ଟେକ୍ ବ୍ୟବସ୍ଥା ଆସିବା ଫଳରେ ଦେଶରେ କେବଳ ଉଦ୍ୟୋଗ କ୍ଷେତ୍ରରେ ପରିବର୍ତ୍ତନ ଆସି ନାହିଁ; ବରଂ ସାମାଜିକ ବ୍ୟବସ୍ଥାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବିଗତ ୧୦ ବର୍ଷ ମଧ୍ୟରେ ଦେଶରେ ୫୩ କୋଟିରୁ ଅଧିକ ଲୋକଙ୍କ ପାଖରେ ଜନଧନ ବ୍ୟାଙ୍କ୍ ଖାତା ରହିଛି, ଯାହାଫଳରେ ସେମାନେ ଆର୍ଥିକ ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ସାମିଲ୍ ହେବା ସହ ଦେଶରେ ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

## ପି.ଏମ୍. ଜୁଡ଼ିସିଆରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତାକାଲି ଜିଲ୍ଲା ନ୍ୟାୟପାଳିକାର ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସର୍ବୋଚ୍ଚ ନ୍ୟାୟାଳୟର ୭୫ ବର୍ଷ ପ୍ରତିଷ୍ଠା ଦିବସ ପୂର୍ତ୍ତି ଅବସରରେ ଏକ ଡାକଟିକଟ ଏବଂ ଏକ ମୁଦ୍ରାର ଉନ୍ମୋଚନ କରିବେ । ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ଆୟୋଜନ ହେଉଥିବା ଏହି ଦୁଇଦିନିଆ ସମ୍ମିଳନୀରେ ୫ଟି ଅଧିବେଶନ ରହିବ, ଯେଉଁଥିରେ ଜିଲ୍ଲା ନ୍ୟାୟପାଳିକା ସମସ୍ୟା, ମୌଳିକଢାଞ୍ଚା, ସମାବେଶୀ ଅଦାଲତ କକ୍ଷ, ନ୍ୟାୟିକ ସୁରକ୍ଷା, ମାମଲା ପରିଚାଳନା ଏବଂ ପ୍ରଶିକ୍ଷଣ ବିଷୟରେ ଆଲୋଚନା କରାଯିବ । ପ୍ରଧାନ ବିଚାରପତି, କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ତଥା ଆଟର୍ଣ୍ଣି ଜେନେରାଲ ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

## କ୍ୟାବିନେଟ୍ ସେକ୍ରେଟାରୀ - ଚାର୍ଜ

ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ଡକ୍ଟର ଟି.ଭି. ସୋମନାଥନ୍ ଆଜି ନୂତନ କ୍ୟାବିନେଟ୍ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୮୭

ବ୍ୟାଚ୍‌ର ତାମିଲ୍‌ନାଡୁ କ୍ୟାଡର୍‌ର ଏହି ଆଇ.ଏ.ଏସ୍. ଅଧିକାରୀ ରାଜୀବ ଗୌବାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି । ଡକ୍ଟର ସୋମନାଥନ୍ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଏବଂ ଅତିରିକ୍ତ ସଚିବ ଭାବେ ପୂର୍ବରୁ କାର୍ଯ୍ୟ କରିଛନ୍ତି । ସେ ମଧ୍ୟ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିବାବେଳେ କର୍ପୋରେଟ୍ ବ୍ୟାପାର ବିଭାଗରେ ନିର୍ଦ୍ଦେଶକ ଭାବେ ୱାଶିଂଟନ୍ ଡି.ସି.ସ୍ଥିତ ବିଶ୍ୱବ୍ୟାଙ୍କ୍ କାର୍ଯ୍ୟାଳୟରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନା କରିଥିଲେ । କ୍ୟାବିନେଟ୍ ସଚିବ ଭାବେ ଦାୟିତ୍ ନେବା ପୂର୍ବରୁ ସେ ଅର୍ଥ ସଚିବ ଭାବେ କାର୍ଯ୍ୟ କରୁଥିଲେ ।

## ଚମ୍ପେଇ ସୋରେନ୍ ବି.ଜ.ପି.

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍ ଆଜି ବି.ଜେ.ପି.ରେ ଯୋଗ ଦେଇଛନ୍ତି । ରାଞ୍ଚିର ଧୁର୍‌ୱା ମଇଦାନରେ ଆଜି ଅପରାହ୍ଣରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ବି.ଜେ.ପି.ରେ ଯୋଗଦାନ କରିଛନ୍ତି । ଆଦିବାସୀମାନଙ୍କ ପରିଚୟ ଏବଂ ସ୍ଥିତିକୁ ବଞ୍ଚାଇବାପାଇଁ ସେ ବି.ଜେ.ପି. ଯାଇଛନ୍ତି ବୋଲି କହିଛନ୍ତି ।

# ପାରା ଅଲିମ୍ପିକ୍ସ

ପ୍ୟାରିସ୍‌ଠାରେ ଚାଲିଥିବା ପାରା ଅଲିମ୍ପିକ୍ସ କ୍ରୀଡ଼ାରେ ଭାରତ ଆଜି ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ୍ ପଦକ ସହ ୩ଟି ପଦକ ବିଜୟୀ ହୋଇଛି । ମହିଳା ବର୍ଗର ୧୦ ମିଟର ଏୟାର ରାଇଫଲ୍ ପ୍ରତିଯୋଗିତାରେ ଅବନୀ ଲେଖରା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମୋନା ଅଗ୍ରୱାଲ୍ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଛନ୍ତି । ସୂଚନାଯୋଗ୍ୟ, ୨୦୨୦ରେ ଟୋକିଓ ପାରା ଅଲିମ୍ପିକ୍ସରେ ଅବନୀ ପ୍ରଥମ ଭାରତୀୟ ମହିଳା କ୍ରୀଡ଼ାବିତ୍ ଭାବରେ ଦୁଇଟି ପଦକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ । ୧୦ ମିଟର ଏୟାର ରାଇଫଲ୍ ଚାଳନାରେ ସ୍ୱର୍ଣ୍ଣ ପଦକ ଏବଂ ୫୦ ମିଟର ରାଇଫଲ୍ ଚାଳନାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

ସେହିପରି ଭାରତର ପ୍ରୀତି ପାଲ ମହିଳା ୧୦୦ ମିଟର ଦ୍ରୁତ ଦୌଡ଼ - ସ୍ପ୍ରିଣ୍ଟ ପ୍ରତିଯୋଗତାରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

ବନ୍ଧୁକ ଚାଳକ ମନୀଶ ନରୱାଲ୍ ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗତାରେ ଫାଇନାଲ୍‌ରେ ପ୍ରବେଶ କରିଥିବାବେଳେ ବ୍ୟାଡ୍‌ମିଣ୍ଟନ ଖେଳାଳି ସୁହାସ ୟଥିରାଜ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

## ପି.ଏମ୍. - ଅବନୀ-ମୋନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ବନ୍ଧୁକଚାଳକ ଅବନୀ ଲେଖରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଏହି ସଫଳତା ଆଣି ସେ ଏକ ଇତିହାସ ସୃଷ୍ଟି କରିଛନ୍ତି । ପାରା ଅଲିମ୍ପିକ୍ସ କ୍ରୀଡ଼ାରେ ୩ଟି ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ପରିଗଣିତ ହୋଇଛନ୍ତି । ଶ୍ରୀ ମୋଦି କହିଛନ୍ତି, ତାଙ୍କର ତ୍ୟାଗ ଏବଂ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରି ଭାରତ ପାଇଁ ଗୌରବ ଆଣିଛନ୍ତି ।

ଭାରତୀୟ ମୋନା ଅଗ୍ରୱାଲ୍ ମହିଳା ଏୟାର ରାଇଫଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ୍ ପଦକ ଜିତିଥିବା ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କର ତ୍ୟାଗ ଏବଂ ସଫଳତାପାଇଁ  ଦେଶ ଗର୍ବ ଅନୁଭବ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଗୁଜରାଟ - ସାଇକ୍ଲୋନ୍

ଗୁଜରାଟ୍‌ର କୁଚ୍ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇ ପଶ୍ଚିମ ଆଡ଼କୁ ଗତି କରୁଛି । ଆସନ୍ତା ୬ ଘଣ୍ଟା ମଧ୍ୟରେ

ଉତ୍ତର-ପୂର୍ବ ଆରବ ସାଗର ନିକଟସ୍ଥ କୁଚ୍ ଏବଂ ପାକିସ୍ତାନ ଉପକୂଳବର୍ତ୍ତୀ ଅଞ୍ଚଳରେ ପହଞ୍ଚି ଏକ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ଅଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ସାମୁଦ୍ରିକ ଝଡ଼ର ପ୍ରଭାବ କମ୍ ରହିବ ବୋଲି ପାଣିପାଗ ବିଭାଗ କହିଛି । ଏହାକୁ ଦୃଷ୍ଟିରେ ରଖି ସେଠାକାର ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରିଛି । ଚାଳ ଓ ମାଟି ଘରେ ରହୁଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବାବେଳେ ରାଜ୍ୟର ମୁନ୍ଦ୍ରା, କାଣ୍ଡ୍ଲା ଏବଂ ଜାଖାଉ ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି ।

*****